# ପରିଶିଷ୍ଟ 6

## ମାର୍ଗଦର୍ଶନ ଟିପ୍ପଣୀ – ପୁଞ୍ଜିନିବେଶକାରୀଙ୍କ ନିମନ୍ତେ ଏକ୍ସଚେଞ୍ଜରେ ଟ୍ରେଡିଂ ପାଇଁ କରଣୀୟ ଏବଂ ବର୍ଜନୀୟ ବିଷୟଗୁଡ଼ିକ

| | |
|---|---|
| **ଆପଣ ଟ୍ରେଡ୍ ଆରମ୍ଭ କରିବା ପୂର୍ବରୁ** | |
| 1. | ସୁନିଶ୍ଚିତ କରନ୍ତୁ ଯେ ଆପଣ କେବଳ SEBI ପଞ୍ଜିକୃତ ମଧ୍ୟସ୍ଥଙ୍କ ସହିତ ଏବଂ ତାଙ୍କ ମାଧ୍ୟମରେ କାରବାର କରୁଛନ୍ତି। ଷ୍ଟକ୍ ଏକ୍ସଚେଞ୍ଜ xxx.exchange.com ଏବଂ SEBI ୱେବସାଇଟ୍ www.sebi.gov.inରେ ଉପଲବ୍ଧ ତାଲିକାରୁ ଆପଣ ହୁଏତ ସେମାନଙ୍କର ସେହି ପଞ୍ଜିକରଣ ପ୍ରମାଣପତ୍ର ଯାଞ୍ଚକରିପାରନ୍ତି। |
| 2. | ସୁନିଶ୍ଚିତ କରନ୍ତୁ ଯେ ଆପଣ ସମ୍ପୂର୍ଣ୍ଣ ରୂପେ KYC ଫର୍ମ୍ ପୂରଣ କରିବେ ଏବଂ KYC ଫର୍ମ୍‌ରେ ଥିବା ସୂନ୍ୟ ସ୍ଥାନ ଗାର ପକାଇ କାଟିଦେବେ। |
| 3. | ସୁନିଶ୍ଚିତ କରନ୍ତୁ ଯେ ଆପଣ ସମସ୍ତ ବାଧ୍ୟତାମୂଳକ ଦସ୍ତାବିଜ୍ (ଡକ୍ୟୁମେଣ୍ଟ) ଯଥା ଅଧିକାର ଓ ନୈତିକ କର୍ତ୍ତବ୍ୟ, ବିପଦ ଆଶଙ୍କା ପରିପ୍ରକାଶ ଡକ୍ୟୁମେଣ୍ଟ, ଷ୍ଟକ୍ ବ୍ରୋକରଙ୍କ ନୀତି ଓ ପ୍ରକ୍ରିୟା ଡକ୍ୟୁମେଣ୍ଟ ପଢ଼ିଛନ୍ତି। |
| 4. | ସ୍ୱେଚ୍ଛାକୃତ ଧାରାଗୁଡ଼ିକ, ଯଦି କିଛି ଥାଏ, ପଢ଼ିବା, ବୁଝିବା ପରେ ସ୍ୱାକ୍ଷର କରିବା ସୁନିଶ୍ଚିତ କରନ୍ତୁ, ଏହି ସ୍ୱେଚ୍ଛାକୃତ ଧାରାଗୁଡ଼ିକ ଉଭୟ ଆପଣ ଓ ଷ୍ଟକ୍ ବ୍ରୋକରଙ୍କ ମଧ୍ୟରେ ବୁଝାମଣାରେ ହୋଇଥାଏ ଏବଂ ଆପଣଙ୍କ ସମ୍ମତି ବ୍ୟତୀତ ପରିବର୍ତ୍ତନ କରାଯାଇପାରିବ ନାହିଁ। |
| 5. | ଟ୍ରେଡିଂ ନିମନ୍ତେ ଷ୍ଟକ୍ ବ୍ରୋକରଙ୍କ ଦ୍ୱାରା ଆପଣଙ୍କ ଉପରେ ଲାଗୁ ହୋଇଥିବା ସମସ୍ତ ବ୍ରୋକରେଜ୍, କମିଶନ୍, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ ଏବଂ SEBI/ଷ୍ଟକ୍ ଏକ୍ସଚେଞ୍ଜ ଦ୍ୱାରା ନିର୍ଦ୍ଧାରିତ ପ୍ରାସଙ୍ଗିକ ବ୍ୟବସ୍ଥା/ନିର୍ଦ୍ଦେଶାବଳି ସମ୍ବନ୍ଧରେ ଏକ ସ୍ପଷ୍ଟ ଧାରଣା ପ୍ରାପ୍ତ କରନ୍ତୁ। |
| 6. | ଆପଣଙ୍କ ଦ୍ୱାରା ସମ୍ପାଦିତ ହୋଇଥିବା ସମସ୍ତ ଡକ୍ୟୁମେଣ୍ଟର ନକଲ ଅର୍ଥାତ୍ କପି ବିନା ମୂଲ୍ୟରେ ଷ୍ଟକ୍ ବ୍ରୋକରଙ୍କଠାରୁ ପ୍ରାପ୍ତ କରନ୍ତୁ। |
| 7. | ଆପଣ ଷ୍ଟକ୍ ବ୍ରୋକରଙ୍କ ସପକ୍ଷରେ ପାୱାର ଅଫ୍ ଆଟର୍ଣ୍ଣି (POA - କ୍ଷମତା ପତ୍ର) କାର୍ଯ୍ୟକାରୀ କରିବାକୁ ଚାହୁଁଥିବା କ୍ଷେତ୍ରରେ, ଆପଣଙ୍କର ବ୍ୟାଙ୍କ ଏବଂ ଡିମାଟ୍ ଆକାଉଣ୍ଟ ସଞ୍ଚାଳନ କରିବାକୁ ଏହାକୁ କ୍ଷମତା ପ୍ରଦାନ କରନ୍ତୁ, ଦୟାକରି ଏ ସମ୍ପର୍କରେ SEBI/ଏକ୍ସଚେଞ୍ଜ ଦ୍ୱାରା ଜାରି ହୋଇଥିବା ନିର୍ଦ୍ଦେଶାବଳି ଦେଖନ୍ତୁ। |
| **କାରବାର ଏବଂ ମୀମାଂସା** | |
| 8. | ଯଦି ଆପଣଙ୍କ ଦ୍ୱାରା ଲିଖିତ ଭାବେ ନିର୍ଦ୍ଦିଷ୍ଟ ରୂପେ କ୍ଷମତା ପ୍ରଦାନ କରାଯାଏ ଷ୍ଟକ୍ ବ୍ରୋକର୍ ହୁଏତ ଇଲେକ୍ଟ୍ରୋନିକ କଣ୍ଟ୍ରାକ୍ଟ ନୋଟ୍ (ECN) ଜାରି କରିପାରନ୍ତି। ଏଥିପାଇଁ ଆପଣ ଆପଣଙ୍କର ଇମେଲ୍ ଆଇଡିକୁ ଷ୍ଟକ୍ ବ୍ରୋକରଙ୍କୁ ପ୍ରଦାନ କରିବା ଉଚିତ। ଯଦି ଆପଣ କମ୍ପ୍ୟୁଟର ଭଲ ଭାବେ ଜାଣି ନାହାନ୍ତି ତେବେ ECN ବାଛନ୍ତୁ ନାହିଁ। |
| 9. | ଅନ୍ୟ କାହାକୁ ଆପଣଙ୍କର ଇଣ୍ଟରନେଟ୍ ଟ୍ରେଡିଂ ଆକାଉଣ୍ଟ ପାସୱାର୍ଡ ପ୍ରଦାନ କରନ୍ତୁ ନାହିଁ। |
| 10. | ଷ୍ଟକ୍ ବ୍ରୋକରଙ୍କୁ ନଗଦ ରୋକଡ଼ା ଅର୍ଥାତ୍ କ୍ୟାସ ମାଧ୍ୟମରେ କୌଣସି ଦେୟ ପ୍ରଦାନ କରନ୍ତୁ ନାହିଁ। |
| 11. | ଷ୍ଟକ୍ ବ୍ରୋକରଙ୍କ ସପକ୍ଷରେ ଆକାଉଣ୍ଟରେ ପୈଯୋଗ୍ୟ  ଚେକ୍ ଜରିଆରେ ଦେୟ ପ୍ରଦାନ କରନ୍ତୁ। ଉପବ୍ରୋକରଙ୍କ ନାମରେ ଚେକ୍ ଜାରି କରନ୍ତୁ ନାହିଁ। ସୁନିଶ୍ଚିତ କରନ୍ତୁ ଯେ ଷ୍ଟକ୍ ବ୍ରୋକରଙ୍କ ନିକଟରେ ଆପଣଙ୍କର ସିକ୍ୟୁରିଟି ଦାଖଲ/ଜମାର ଏକ ଦସ୍ତାବିଜ୍ ଅର୍ଥାତ୍ ଡକ୍ୟୁମେଣ୍ଟ ସମ୍ବନ୍ଧୀୟ ପ୍ରମାଣ ରହିଛି, ଯାହା ତାରିଖ, ସ୍କ୍ରିପ, ପରିମାଣ, କେଉଁ ବ୍ୟାଙ୍କ/ଡିମାଟ ଆକାଉଣ୍ଟ ସପକ୍ଷରେ ଏହି ଟଙ୍କା କିମ୍ବା ସିକ୍ୟୁରିଟି ଜମା ହୋଇଛି ଏବଂ କେଉଁ ବ୍ୟାଙ୍କ/ଡିମାଟ ଆକାଉଣ୍ଟରୁ ଏହା କରାଯାଇଛି ତାହା ପ୍ରକାଶ କରିଥାଏ। |
| 12. | ଧ୍ୟାନ ଦିଅନ୍ତୁ ଯେ ଟ୍ରେଡ୍ ଯାଞ୍ଚ ସୁବିଧା ଷ୍ଟକ୍ ଏକ୍ସଚେଞ୍ଜର ୱେବସାଇଟରେ ଉପଲବ୍ଧ ରହିଛି, ଯେଉଁଠାରେ ଟ୍ରେଡର ସବିଶେଷ ବିବରଣୀ କଣ୍ଟ୍ରାକ୍ଟ ନୋଟରେ ଯେପରି ଉଲ୍ଲେଖ ହୋଇଛି ତାହା ଯାଞ୍ଚ ହୋଇପାରେ। ଯେଉଁ କ୍ଷେତ୍ରରେ ୱେବସାଇଟରେ ଥିବା ବିବରଣୀସମୂହ କଣ୍ଟ୍ରାକ୍ଟ ନୋଟରେ ଉଲ୍ଲେଖ ହୋଇଥିବା ସବିଶେଷ ସୂଚନା ମେଳ ଖାଏ ନାହିଁ, ସେହି ପରିସ୍ଥିତିରେ ସଙ୍ଗେ ସଙ୍ଗେ ସମ୍ପୃକ୍ତ ଷ୍ଟକ୍ ଏକ୍ସଚେଞ୍ଜର ପୁଞ୍ଜିନିବେଶକାରୀ ଅଭିଯୋଗ ପ୍ରକୋଷ୍ଠ ସହ ଯୋଗାଯୋଗ କରନ୍ତୁ\| |
| 13. | ପ୍ରଚଳିତ ଅର୍ଥାତ୍ ରନିଂ ଆକାଉଣ୍ଟ ବଜାୟ ରଖିବା ପାଇଁ ଆପଣ ନିର୍ଦ୍ଦିଷ୍ଟ କ୍ଷମତା ପ୍ରଦାନ କରିବା କ୍ଷେତ୍ରରେ, ଅର୍ଥ ପଇଠ କିମ୍ବା ସିକ୍ୟୁରିଟିର ବିତରଣ (ଘଟଣା ଯାହା ହୋଇପାରେ), ଏକ୍ସଚେଞ୍ଜଠାରୁ ପଇଠ ଅର୍ଥାତ୍ ପେଆଉଟ୍ ପ୍ରାପ୍ତ ହେବାର ଗୋଟିଏ କାର୍ଯ୍ୟ ଦିବସ ମଧ୍ୟରେ ଆପଣଙ୍କୁ କରାଯାଇନପାରେ। ଅବଶ୍ୟ, ଷ୍ଟକ୍ ବ୍ରୋକର୍ ଆପଣଙ୍କ ପାଇଁ ରନିଂ ଆକାଉଣ୍ଟ ଚଳାଇବେ, ଯାହାକି ନିମ୍ନୋକ୍ତ ସର୍ତ୍ତଗୁଡ଼ିକ ଅନୁସାରେ ହୋଇଥାଏ:<br>କ. ଏହି କ୍ଷମତାପ୍ରଦାନ ଅର୍ଥାତ୍ ଅଥୋରାଇଜେସନ୍ କେବଳ ଆପଣଙ୍କ ଦ୍ୱାରା ସ୍ୱାକ୍ଷରିତ ହେବା ସହିତ ଏଥିରେ ତାରିଖ ରହିବ ଏବଂ ଏପରି ଧାରା ଧାରଣ କରିଥାଏ ଯାହା ମାଧ୍ୟମରେ ଆପଣ ତାହା ଯେ କୌଣସି ସମୟରେ ପ୍ରତ୍ୟାହାର କରିପାରିବେ।<br>ଖ. ପାଣ୍ଠି ଏବଂ ସିକ୍ୟୁରିଟିର ପ୍ରକୃତ ମୀମାଂସା ଷ୍ଟକ୍ ବ୍ରୋକରଙ୍କ ଦ୍ୱାରା କରାଯିବ, ତିନି ମାସରେ କିମ୍ବା ମାସକରେ ଥରେ, ଆପଣଙ୍କ ପସନ୍ଦ ଉପରେ ନିର୍ଭର କରିଥାଏ। ଆକାଉଣ୍ଟ ବନ୍ଦୋବସ୍ତ କରିବା ସମୟରେ, ବ୍ରୋକର୍ ଜଣଙ୍କ ଆପଣଙ୍କୁ ଆକାଉଣ୍ଟର ଏକ ଆକାଉଣ୍ଟ ବିବରଣୀ ପଠାଇବେ ଯାହା ପାଣ୍ଠି ପାଇଁ ଗ୍ରାହକ ଲେଜରରୁ ଏକ ଉଦ୍ଧୃତି ଧାରଣ କରିଥାଏ ଏବଂ ସିକ୍ୟୁରିଟି ରେଜିଷ୍ଟରରୁ ଏକ ଉଦ୍ଧୃତି ଧାରଣ କରିଥାଏ ଯାହା ପାଣ୍ଠି ଏବଂ ସିକ୍ୟୁରିଟିର ସମସ୍ତ ରସିଦ/ବିତରଣ ପ୍ରଦର୍ଶନ କରିଥାଏ। ବିବରଣୀଟି ପାଣ୍ଠି ଏବଂ ସିକ୍ୟୁରିଟିର ରକ୍ଷଣ ଏବଂ ବନ୍ଧକ ହୋଇଥିବା ସେୟାରର ସବିଶେଷ ସୂଚନା ବ୍ୟାଖ୍ୟା କରିବ, ଯଦି କିଛି ଥାଏ।<br>ଗ. ବନ୍ଦୋବସ୍ତ ତାରିଖରେ, ଷ୍ଟକ୍ ବ୍ରୋକର୍ ହୁଏତ ବାକି ରହିଥିବା ନୈତିକ କର୍ତ୍ତବ୍ୟ ପରିପ୍ରେକ୍ଷୀରେ ଆବଶ୍ୟକ ସିକ୍ୟୁରିଟି/ପାଣ୍ଠି ରଖିପାରନ୍ତି ଏବଂ ଆହୁରି ମଧ୍ୟ ପରବର୍ତ୍ତୀ 5 ଦିନ ପାଇଁ ଡେରିଭେଟିଭ୍ ମାର୍ଜିନ୍ ବାକି ପୂରଣ କରିବାକୁ ଆବଶ୍ୟକ ହେବ ବୋଲି |

ଆଶା କରାଯାଉଥିବା ପାଣ୍ଠି ରଖିପାରନ୍ତି, ଏହା ଏକ୍ସଚେଞ୍ଜଗୁଡ଼ିକ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ଉପାୟରେ ହିସାବ କରାଯାଇଥାଏ, ଅର୍ଥ ବଜାର କାରବାର ଅର୍ଥାତ୍ କ୍ୟାସ ମାର୍କେଟ ଟ୍ରାଞ୍ଜାକ୍ସନ ଦୃଷ୍ଟିରୁ, ଷ୍ଟକ୍ ବ୍ରୋକର୍ ହୁଏତ ଗ୍ରାହକଙ୍କଠାରୁ ବନ୍ଦୋବସ୍ତ ତାରିଖ ପର୍ଯ୍ୟନ୍ତ ଏବଂ ପରବର୍ତ୍ତୀ ଦିନର ବ୍ୟବସାୟ ପାଇଁ ପ୍ରାପ୍ତ ହେବାକୁ ଥିବା ସମୁଦାୟ ପେ-ଇନ୍ ଅବ୍ଲିଗେସନ୍ ପାଣ୍ଠି ଏବଂ ସିକ୍ୟୁରିଟି ରଖିପାରନ୍ତି, ସେ ହୁଏତ ଅର୍ଥ ବଜାରରେ ଏହିଭଳି ବନ୍ଦୋବସ୍ତ ଦିନ କାର୍ଯ୍ୟକାରୀ ହୋଇଥିବା କାରବାରଗୁଡ଼ିକ ମୂଲ୍ୟର ବିସ୍ତୃତ ପରିସର ପର୍ଯ୍ୟନ୍ତ ପାଣ୍ଠି/ସିକ୍ୟୁରିଟି/ମାର୍ଜିନ୍ ରଖିପାରନ୍ତି।

ଘ. ଆକାଉଣ୍ଟ ବିବରଣୀ କିମ୍ବା ବନ୍ଦୋବସ୍ତରୁ ଉପୁଜିଥିବା ଯେକୌଣସି ବିବାଦ ଷ୍ଟକ୍ ବ୍ରୋକରଙ୍କୁ ପାଣ୍ଠି/ସିକ୍ୟୁରିଟି କିମ୍ବା ବିବରଣୀ ପ୍ରାପ୍ତ କରିବା ତାରିଖ ପରଠାରୁ, ଘଟଣା ଅନୁଯାୟୀ, 7 (ସାତ)ଟି କାର୍ଯ୍ୟ ଦିବସ ମଧ୍ୟରେ ଲିଖିତ ଭାବେ ସୂଚିତ କରିବା ଆବଶ୍ୟକ । ବିବାଦ କ୍ଷେତ୍ରରେ, ବିନା ବିଳମ୍ବରେ ଘଟଣାଟିକୁ ଲିଖିତ ଭାବେ ସମ୍ପୃକ୍ତ ଷ୍ଟକ୍ ଏକ୍ସଚେଞ୍ଜର ନିବେଶକାରୀ ଅଭିଯୋଗ ପ୍ରକୋଷ୍ଠକୁ ପ୍ରେରଣ କରନ୍ତୁ।

14. ଆପଣ ରନିଂ ଆକାଉଣ୍ଟ ଚଳାଇବା ପାଇଁ ମନୋନୟନ କରିନଥିବା ଏବଂ ପେ-ଆଉଟ୍ ପାଣ୍ଠି/ସିକ୍ୟୁରିଟି ଏକ୍ସଚେଞ୍ଜଠାରୁ ପେ-ଆଉଟ୍ ପ୍ରାପ୍ତ କରିବାର ପରବର୍ତ୍ତୀ କାର୍ଯ୍ୟ ଦିବସରେ ଗ୍ରହଣ କରାଯାଇନଥିବା କ୍ଷେତ୍ରରେ, ଦୟାକରି ଘଟଣାକୁ ଷ୍ଟକ୍ ବ୍ରୋକରଙ୍କୁ ପଠାନ୍ତୁ। ବିବାଦ ରହିଥିବା କ୍ଷେତ୍ରରେ, ସୁନିଶ୍ଚିତ କରନ୍ତୁ ଯେ ଆପଣ ସଙ୍ଗେ ସଙ୍ଗେ ଲିଖିତ ଭାବେ ଏକ ଅଭିଯୋଗ ସମ୍ପୃକ୍ତ ଷ୍ଟକ୍ ଏକ୍ସଚେଞ୍ଜର ନିବେଶକାରୀ ଅଭିଯୋଗ ପ୍ରକୋଷ୍ଠ ନିକଟରେ ଦାଖଲ କରିବେ।

15. ଷ୍ଟକ୍ ଏକ୍ସଚେଞ୍ଜରୁ ନିର୍ଦ୍ଦିଷ୍ଟ ଟ୍ରେଡିଂ ଦିବସ ଶେଷରେ, SMS କିମ୍ବା ଇମେଲ୍ ମାଧ୍ୟମରେ ଟ୍ରେଡ୍ ସୁନିଶ୍ଚିତତା ସତର୍କତା/ବିବରଣୀ ପ୍ରାପ୍ତ କରିବା ପାଇଁ, ଦୟାକରି ଷ୍ଟକ୍ ବ୍ରୋକରଙ୍କ ନିକଟରେ ଆପଣଙ୍କ ମୋବାଇଲ୍ ନମ୍ବର ଏବଂ ଇମେଲ୍ ଆଇଡି ପଞ୍ଜିକୃତ କରନ୍ତୁ।

**ଟ୍ରେଡିଂ ସଦସ୍ୟତା ସମାପ୍ତି ହେବା କ୍ଷେତ୍ରରେ**

16. ଯଦି, ଷ୍ଟକ୍ ବ୍ରୋକର୍ ତାଙ୍କର ସଦସ୍ୟତା ସମର୍ପଣ କରନ୍ତି, ସଦସ୍ୟ ପଦରୁ ବହିଷ୍କୃତ ହୁଅନ୍ତି କିମ୍ବା ଖିଲାପକାରୀ ଭାବେ ଘୋଷଣା କରାଯାଏ ଷ୍ଟକ୍ ଏକ୍ସଚେଞ୍ଜଗୁଡ଼ିକ ସେହି ପୁଞ୍ଜି ନିବେଶକାରୀଙ୍କଠାରୁ, କେବଳ "ଷ୍ଟକ୍ ଏକ୍ସଚେଞ୍ଜର ଟ୍ରେଡିଂ ସିଷ୍ଟମ୍ ଦ୍ୱାରା ସମ୍ପାଦିତ ହୋଇଥିବା କାରବାରଗୁଡ଼ିକ" ସହିତ ଜଡ଼ିତ ଦାବିଗୁଡ଼ିକ ଆମନ୍ତ୍ରଣ କରି ଏକ ସର୍ବସାଧାରଣ ବିଜ୍ଞପ୍ତି ପ୍ରଦାନ କରିଥାନ୍ତି। ଏହା ସୁନିଶ୍ଚିତ କରନ୍ତୁ ଯେ ଆପଣ ନିର୍ଦ୍ଧାରିତ ଅବଧି ମଧ୍ୟରେ ଏବଂ ଦାବିକୁ ସମର୍ଥନ କରୁଥିବା ଉପଯୁକ୍ତ ଡକ୍ୟୁମେଣ୍ଟ ସହିତ ସମ୍ପୃକ୍ତ ଷ୍ଟକ୍ ଏକ୍ସଚେଞ୍ଜ ନିକଟରେ ଏକ ଦାବି ଦାଖଲ କରିବେ।

17. ଆପଣଙ୍କ ଷ୍ଟକ୍ ବ୍ରୋକରଙ୍କ ନିକଟରେ ଆପଣ ଜମା କରିଥିବା ଟଙ୍କା ଏବଂ/କିମ୍ବା ସିକ୍ୟୁରିଟି ପ୍ରତି ମଞ୍ଜୁରପ୍ରାପ୍ତ ସୁରକ୍ଷା ସହିତ ନିଜକୁ ପରିଚିତ କରାନ୍ତୁ, ବିଶେଷକରି ଏକ ଖିଲାପି ଅର୍ଥାତ୍ ଡିଫଲ୍ଟ କିମ୍ବା ଷ୍ଟକ୍ ବ୍ରୋକରଙ୍କ ପରିଶୋଧ ଅକ୍ଷମତା କିମ୍ବା ଦେବାଳିଆପଣ ଘଟଣା କ୍ଷେତ୍ରରେ ଏବଂ ଆପଣ ଏହିଭଳି ଅର୍ଥ ଏବଂ/କିମ୍ବା ସିକ୍ୟୁରିଟି ପୁନରୁଦ୍ଧାର କରିପାରିବାର ବିସ୍ତୃତ ପରିସର ହୁଏତ ସମ୍ପୃକ୍ତ ଷ୍ଟକ୍ ଏକ୍ସଚେଞ୍ଜ, ଯେଉଁଠାରେ ଟ୍ରେଡ୍ କାର୍ଯ୍ୟକାରୀ କରାଯାଇଥିଲା, ତାହାର ଆଇନ୍ ଓ ନିୟମାବଳି ଏବଂ ସମୟାନୁଯାୟୀ ଲାଗୁ ନିବେଶକାରୀଙ୍କ ସୁରକ୍ଷା ପାଣ୍ଠିର ଯୋଜନା ଦ୍ୱାରା ପରିଚାଳିତ ହୋଇପାରେ।

**ବିବାଦ/ଅଭିଯୋଗ**

18. ଦୟାକରି ନୋଟ୍ କରନ୍ତୁ କି ମଧ୍ୟସ୍ଥତା ପ୍ରକ୍ରିୟାର ସବିଶେଷ ସୂଚନା, ବ୍ରୋକର୍ ଓ ପୁଞ୍ଜି ନିବେଶକାରୀଙ୍କ ବିପକ୍ଷରେ ଦଣ୍ଡନୀୟ କାର୍ଯ୍ୟାନୁଷ୍ଠାନ, ଷ୍ଟକ୍ ବ୍ରୋକରଙ୍କ ବିପକ୍ଷରେ ଅଭିଯୋଗ ସମ୍ପୃକ୍ତ ଷ୍ଟକ୍ ଏକ୍ସଚେଞ୍ଜର ୱେବସାଇଟରେ ପ୍ରଦର୍ଶିତ ହୋଇଥାଏ।

19. ଆପଣଙ୍କର ବାଦବିବାଦ/ସମସ୍ୟା/ଅଭିଯୋଗ ସମ୍ପୃକ୍ତ ଷ୍ଟକ୍ ବ୍ରୋକର୍/ଉପବ୍ରୋକରଙ୍କ ଦ୍ୱାରା ସମାଧାନ ନହେବା କ୍ଷେତ୍ରରେ ଆପଣ ସେହି ଘଟଣାକୁ ସମ୍ପୃକ୍ତ ଷ୍ଟକ୍ ଏକ୍ସଚେଞ୍ଜ ନିକଟରେ ଉପସ୍ଥାପନ କରିପାରନ୍ତି। ଯଦି ଆପଣ ଆପଣଙ୍କ ଅଭିଯୋଗର ସମାଧାନ ଉପରେ ସନ୍ତୁଷ୍ଟ ନୁହନ୍ତି ତେବେ ଆପଣ ସେହି ଘଟଣାକୁ SEBI ପାଖରେ ଉପସ୍ଥାପନ କରିପାରିବେ।

20. ଧ୍ୟାନ ଦିଅନ୍ତୁ ଯେ ସମସ୍ତ ଷ୍ଟକ୍ ବ୍ରୋକର୍/ଉପବ୍ରୋକର୍ ଅଭିଯୋଗଗୁଡ଼ିକ ପଞ୍ଜିକରଣ କରିବା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ଭାବରେ ଅଭିଯୋଗ ପ୍ରତିକାର ବିଭାଗ/ଅନୁପାଳନ ଅଧିକାରୀଙ୍କର ଏକ ଇମେଲ୍ ଆଇଡି ମନୋନୀତ କରିବା ପାଇଁ SEBI ଦ୍ୱାରା ପରିଚାଳିତ ହୋଇଥାନ୍ତି।